ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/WCD(OD/814/Dt.2.12.2020

# ‘ଘରେ ଘରେ ଅରୁଣିମା’ କ୍ୟାଲେଣ୍ଡର ସବୁ ଜିଲ୍ଲାକୁ ପ୍ରେରଣ

## ଡିସେମ୍ବର ମାସ ପାଇଁ ପ୍ରାକ୍‌ବିଦ୍ୟାଳୟ ଶିଶୁମାନଙ୍କର ଯାନବାହନ ସଂପର୍କିତ ଜ୍ଞାନ ଆହରଣ

ଭୁବନେଶ୍ୱର, ୨/୧୨/୨୦୨୦

କୋଭିଡ୍‌-୧୯ ମହାମାରୀ ପରିପ୍ରେକ୍ଷୀରେ ରାଜ୍ୟର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ରହିଥିବା ସମୟରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ସୃଜନଶୀଳ ବିକାଶ ପାଇଁ ଅପ୍ରେଲ ମାସରୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ‘ଘରେ ଘରେ ଅରୁଣିମା’ କାର୍ଯ୍ୟକ୍ରମର ଡିସେମ୍ବର ମାସ ପାଇଁ ଶିକ୍ଷଣୀୟ ରଙ୍ଗୀନଚିତ୍ର ସମ୍ବଳିତ କ୍ୟାଲେଣ୍ଡର ସବୁ ଜିଲ୍ଲା ଆଇସିଡିଏସ୍ ପ୍ରକଳ୍ପକୁ ପ୍ରେରଣ କରାଯାଇଛି । ଡିସେମ୍ବର ମାସ ପାଇଁ ବିଷୟବସ୍ତୁ ରହିଛି ‘ଯାନବାହନ’ ଓ ଏହା ନୂଆ ଅରୁଣିମା ପୁସ୍ତକର ଷଷ୍ଠ ମାସର ବିଷୟବସ୍ତୁ । ଏଥିରେ ସ୍ଥଳପଥ, ଜଳପଥ ଓ ଆକାଶମାର୍ଗରେ ଚାଲୁଥିବା ଯାନବାହନ ସମ୍ବନ୍ଧିତ ଧାରଣା ଓ ଟ୍ରାଫିକ୍ ନିୟମ ଆଦି ପ୍ରଦାନ କରାଯାଇଛି । ‘ଘରେ ଘରେ ଅରୁଣିମା’ର ନଭେମ୍ବର ମାସର ବିଷୟବସ୍ତୁ ଥିଲା ‘ଘର ଓ ଆସବାବପତ୍ର’ ।

‘ଘରେ ଘରେ ଅରୁଣିମା’ କ୍ୟାଲେଣ୍ଡରରେ କୋଭିଡ୍‌-୧୯ ମହାମାରୀ ସମୟରେ ନିଜର ତଥା ଅନ୍ୟମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ହାତଧୁଆ ଅଭ୍ୟାସ, ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା ଓ ଅନ୍ୟାନ୍ୟ ସୁଅଭ୍ୟାସ ସହ ଯାନବାହନ ସଂପର୍କିତ ଜ୍ଞାନ ପ୍ରଦାନ କରାଯାଇଛି । ବିଭିନ୍ନ ଯାନବାହନର ବ୍ୟବହାର, ଟ୍ରାଫିକ୍ ସିଗ୍‌ନାଲ୍, ରାସ୍ତାରେ ଚାଲିବାର ନିୟମ ଆଦି ସମ୍ବନ୍ଧରେ ଗୀତ, ଗପ, ଖେଳ, ଚିତ୍ର ଓ ଅଭିନୟ ଏବଂ ସଂଗୀତ ମାଧ୍ୟମରେ ଶିକ୍ଷା ଦାନ କଲେ ଏହା ବିଶେଷ କୌତୁହଳପ୍ରଦ ହେବ । ମାତାପିତା ଓ ଅଭିଭାବକମାନେ ଘରେ କିପରି ଉତ୍ତମ ଦାୟିତ୍ୱବୋଧତାର ସହିତ ଏକ ଆନନ୍ଦପୂର୍ଣ୍ଣ ବାତାବରଣ ମଧ୍ୟରେ ଶିଶୁକୁ ଶିକ୍ଷା ପ୍ରଦାନ କରିପାରିବେ ତାହା ‘ଘରେ ଘରେ ଅରୁଣିମା’ କ୍ୟାଲେଣ୍ଡରରେ ପ୍ରଦତ୍ତ ହୋଇଛି । ଗତ ନଭେମ୍ବର ଶେଷ ସପ୍ତାହରେ ସମସ୍ତ ଆଇସିଡିଏସ୍ ପ୍ରକଳ୍ପକୁ ଏହି କ୍ୟାଲେଣ୍ଡର ପ୍ରେରଣ କରାଯାଇଛି । ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ସମାଜମଙ୍ଗଳ ଅଧିକାରୀଙ୍କୁ ଏ ବାବଦରେ ପତ୍ର ଲେଖି ଅବଗତ କରାଯାଇଛି ।

ଯେଉଁ ମାତାପିତା/ଅଭିଭାବକମାନଙ୍କ ଆଣ୍ଡ୍ରଏଡ୍ ଫୋନ ଏବଂ ଇଣ୍ଟରନେଟ୍ ସୁବିଧା ଅଛି, ସେମାନଙ୍କୁ ହ୍ୱାଟସ୍‌ଆପ୍ ମାଧ୍ୟମରେ ‘ଘରେ ଘରେ ଅରୁଣିମା’ ଅକ୍ଟୋବର ମାସର କ୍ୟାଲେଣ୍ଡର ପ୍ରେରଣ କରାଯାଇଛି ଏବଂ ସେମାନଙ୍କୁ ୟୁଟ୍ୟୁବ୍ ଲିଙ୍କ୍ ପ୍ରଦାନ କରାଯାଇଛି । ଯେଉଁମାନଙ୍କ ଆଣ୍ଡ୍ରଏଡ୍ ଫୋନ୍‌ର ସୁବିଧା ନାହିଁ ସେମାନଙ୍କୁ ଏ-୩ କାଗଜରେ ଛପା ଯାଇଥିବା ଅରୁଣିମାର ରଙ୍ଗୀନ କ୍ୟାଲେଣ୍ଡର ଅଙ୍ଗନବାଡ଼ି କର୍ମୀମାନେ ଘରେ ପହଞ୍ଚି ପ୍ରଦାନ କରୁଛନ୍ତି ।

ପ୍ରତି ଜିଲ୍ଲାରେ ସମୁଦାୟ ପ୍ରାକ୍ ବିଦ୍ୟାଳୟ ପିଲାମାନଙ୍କ ମଧ୍ୟରୁ କେତେଜଣ ଡିସେମ୍ବର ମାସର କ୍ୟାଲେଣ୍ଡର ପାଇଛନ୍ତି ସେ ସଂପର୍କରେ ଡିସେମ୍ବର ୭ ତାରିଖ ସୁଦ୍ଧା ବିଭାଗକୁ ସାର୍ଟିଫିକେଟ୍ ପ୍ରଦାନ କରିବା ସହ ଅଙ୍ଗନବାଡ଼ି କର୍ମୀମାନେ ଘରେ ପହଞ୍ଚାଇଥିବାର ଫଟୋଚିତ୍ରକୁ ହ୍ୱାଟସ୍ଆପ୍ ମାଧ୍ୟମରେ ପଠାଇବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ନଭେମ୍ବର ମାସରେ ଏହି କ୍ୟାଲେଣ୍ଡର ମାଧ୍ୟମରେ ପ୍ରାକ୍‌ବିଦ୍ୟାଳୟ ଶିଶୁମାନେ କିଭଳି ପିତାମାତା ଓ ଅଭିଭାବକଙ୍କ ସହାୟତାରେ ଶିକ୍ଷାଲାଭ କରୁଛନ୍ତି ତା'ର ଆକର୍ଷଣୀୟ ଫଟୋଚିତ୍ର ବିଭାଗକୁ ଆଇସିଡିଏସ୍ କାର୍ଯ୍ୟକର୍ତ୍ତାମାନେ ପ୍ରେରଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ଦ୍ୱାରା ଶିଶୁମାନଙ୍କ କଳ୍ପନା ଶକ୍ତି ବୃଦ୍ଧି ପାଇବା ସହ ସେମାନେ ବିଭିନ୍ନ ପ୍ରସଙ୍ଗରେ ଶିକ୍ଷାଲାଭ କରିବା ସହଜସାଧ୍ୟ ହୋଇପାରିଛି ।

କୋଭିଡ୍-୧୯ ମହାମାରୀ ସମୟରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ଥିବାରୁ 'ଘରେ ଘରେ ଅରୁଣିମା' କ୍ୟାଲେଣ୍ଡର ଆବଣ୍ଟନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ବିଭାଗର ଟେଲି ମନିଟରିଂ ଟିମ୍ ହିତାଧିକାରୀଙ୍କ ପରିବାର ସହ ଫୋନ କରି ଏହାର କାର୍ଯ୍ୟକାରିତା ତଦାରଖ କରୁଛନ୍ତି । କୋଭିଡ୍ ନିୟମାବଳୀର ଅନୁପାଳନପୂର୍ବକ ପ୍ରତ୍ୟେକ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ପାଖରେ ଏହି କ୍ୟାଲେଣ୍ଡର ପହଞ୍ଚାଇବାକୁ ବିଭାଗ ତରଫରୁ ସୁନିଶ୍ଚିତ କରାଯାଉଛି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ